# ତହସିଲଦାରଙ୍କ କାର୍ଯ୍ୟାଳୟ, ମାଛକୁଣ୍ଡ,ସ୍ଥାନ-ଲମତାପୁଟ.

ବିଜ୍ଞାପନ ସଂଖ୍ୟା . ୨୪୮୮ /୨୦୨୨.　　　　　　　　ତା. ୧୨ / ୧୨ /୨୦୨୨.

## ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

[ଲଘୁ ଖଣିଜଦ୍ରବ୍ୟ ରିହାତି ଆଇନ- ୨୦୧୬ ଅନୁଯାୟୀ]

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ମାଛକୁଣ୍ଡ ତହସିଲ ଅନ୍ତର୍ଗତ ସୂଚୀରେ ପ୍ରଦତ୍ତ (Annexure-I) ଲଘୁ ଖଣିଜ ଦ୍ରବ୍ୟ ସୈରାତ୍ ଉତ୍ସ ଗୁଡିକୁ ଆସନ୍ତା ୫ ବର୍ଷ(ପାଞ୍ଚ)ନିମନ୍ତେ (୨୦୨୨-୨୦୨୩) ଠାରୁ ୫ ବର୍ଷପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ପ୍ରକାଶ ଥାଉ କି ଲିଜରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସ ଗୁଡିକୁ ପରିଦର୍ଶନ କରି , ପରିଚାଳନା ପାଇଁ ଗମନାଗମନ ସୁବିଧା , ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜ ନେବାପରେ ସୈରାତ୍ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ,ତଥା କୌଣସି ପ୍ରାକୃତିକ ବିପର୍ଜୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତିମାନେ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ )ଆଇନ- ୨୦୧୬ ବର୍ଣ୍ଣିତ ତିନି କିତା ଫର୍ମ – "M "ରେ ପୂରଣ କରି ତତ୍ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ ଦାଖଲ କରିବା ହେବେ।

୧. ଦରଖାସ୍ତ ଫିସ ବାବଦକୁ ଟ. ୧,୦୦୦.୦୦ ( ଏକ ହଜାର ) ଟଙ୍କା ର ଟ୍ରେଜେରୀ ଚାଲାଣ (Head of Accounts-0853-Non-Ferrous Mining and Metallurgical Industries -102- Mineral Concession Fees, Rents and Royalties ) ଦାଖଲକରିବେ ଓ ଏହି ଦରଖାସ୍ତ ଫି ଫେରସ୍ତ କରାଯିବନାହିଁ ।

୨. ଦରଖାସ୍ତ କରୁଥିବା ଲଘୁଖଣିଜଉତ୍ସର ସମ୍ପୂର୍ଣ୍ଣ ବିବରଣୀଏହି ବିଜ୍ଞାପନରେ ଥିବା ଉତ୍ସର ନାମ , ଖାତାନଂ , ପ୍ଲଟନଂ, ରକବା ଏବଂ କିସମର ସଠିକ ତଥ୍ୟ ଲେଖିବା ବିଧେୟ।

୩. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ।

୪. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟଉତ୍ତୋଳନ ପରିମାଣ ( Minimum Guaranteed Quantity)ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟିର ସମପରିମାଣର ଏକ ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee-) (ଯାହାର ଅବଧି ଅନ୍ତତଃ ଅଠର(୧୮) ମାସ ହେବା ଆବଶ୍ୟକ ) ଦାଖଲ କରିବେ।

୫. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟିର ଶତକଡା ୫ ଭାଗ EMD (Earnest Money Deposit) ର ପରିମାଣ ଆବେଦନକାରୀ ତହସିଲଦାର ମାଛକୁଣ୍ଡ ଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ( Payable at SBI, Main Branch , Machhkund ) ଦରଖାସ୍ତ ସହ ସଂଲଗ୍ନ କରିବେ ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ।

୬. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ସ୍ଥାବର/ଅସ୍ଥାବର ସମ୍ପତି ର ତାଲିକା ସହ ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ଯଥା ବୈଷୟିକ ଜ୍ଞାନ,ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣପତ୍ର ସଂଲଗ୍ନ କରିପାରନ୍ତି ।

୭. ଗତ ବର୍ଷର ଆୟକର ଦାଖଲ ର (Income Tax Return Filing) ବିବରଣୀର ନକଲ ସଂଲଗ୍ନ କରିବେ।

୮. **ଏତଦ୍ ବ୍ୟତୀତ ଦରଖାସ୍ତକାରୀ ମାନେ ନିମ୍ନୋକ୍ତ ସର୍ତ୍ତ ଗୁଡିକ ସମନ୍ଧରେ ଧ୍ୟାନ ରଖି ଦରଖାସ୍ତ କରିବା ପାଇଁ ଅବଗତି କରାଯାଉଅଛି**

୯. ଦରଖାସ୍ତ ଦେବା ପୂର୍ବରୁ ସୈରାତ୍ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ର ସୁବିଧା, ଗଛିତ ଥିବା ଲଘୁ ଖଣିଜ ପଦାର୍ଥ ଆଦି ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ।

୧୦. ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (OMMC Rules-2016) ଆନୁଯାୟୀ ମୁରୁମ ଉତ୍ସ ପାଇଁ ରୟାଲଟିର (Royalty) ଘନ ମିଟର ପିଛା ୩୫/- ଟଙ୍କା, ଓ ପଥରର ଘନ ମିଟର ପିଛା ୧୩୫/- ଟଙ୍କା ଧାର୍ଯ୍ୟ ହୋଇଅଛି ଯାହା କି ଅପରିବର୍ତ୍ତିତ ଅଟେ । ମାତ୍ର ଯୋଗ୍ୟ ଦରଖାସ୍ତ କାରୀଙ୍କୁ ସାରଣୀ-1 ର ସ୍ତମ୍ଭ -୯ ଲିଖିତ ନିର୍ଦ୍ଦିଷ୍ଟ ଉତ୍ସ ଅନୁଯାୟୀ (Additional Charge) ଅତିରିକ୍ତ ଦେୟ ର ମୂଲ୍ୟ ଅତିକମରେ ରୟାଲଟିର (Royalty) ର ୫% ବା ତଦୁର୍ଦ୍ଧ ମୂଲ୍ୟାଙ୍କ (Quote) କରିବାକୁ ପଡିବ । କୌଣସି ପରିସ୍ଥିତିରେ (Additional Charge) ଅତିରିକ୍ତ ଦେୟ ର ମୂଲ୍ୟ ରୁ କମ୍ ଦରରେ ଲିଜ୍ ଅନୁମୋଦନ କରାଯିବ ନାହିଁ। ଯଦି ଏକାଧିକ ଦରଖାସ୍ତ କାରୀ ସର୍ବୋଚ୍ଚ ସମପରିମାଣର ରୟାଲଟି ଏବଂ (Additional Charge) ଅତିରିକ୍ତ ଦେୟ ଦାଖଲ ଦେଇ ଥାନ୍ତି ତାହାହେଲେ ଏହା ଲଟେରୀ ମାଧ୍ୟମରେ ଚୟନ କରାଯିବ। ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସାତ ଦିନ ମଧ୍ୟରେ Form-"F" ମାଧ୍ୟମରେ ଏ ବିଷୟରେ ଜଣାଇଦିଆଯିବ। ଏବଂ ତାଙ୍କର ସହମତି ୧୫ ଦିନ ମଧ୍ୟରେ ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇବେ।

୧୧. ଉତ୍ସ ପରିଚାଳନା ପୂର୍ବରୁ ନିଲାମଧାରୀଙ୍କୁ ପ୍ରଦୂଷଣ ନିକାଶୀ ପ୍ରମାଣପତ୍ର (E.C) ଓ ଖଣିଜ ଉତ୍ତୋଳନ ଯୋଜନା (Mining Plan) ପ୍ରସ୍ତୁତ ଖର୍ଚ୍ଚ କରିବାକୁ ପଡିବ। ଏହା ବ୍ୟତୀତ ଓଡିଶା ରାଜ୍ୟ ପ୍ରଦୂଷଣ ଶାଖା, କୋରାପୁଟ ଙ୍କ ଠାରୁ CTE (Consent to Establish) CTO (Consent to Operate)ର ଆଦେଶ ମଧ୍ୟ ଉତ୍ସ ର ପରିଚାଳନା ପୂର୍ବରୁ ତହସିଲଦାର ଙ୍କ କାର୍ଯ୍ୟାଳୟ ରେ ଦାଖଲ କରିବାକୁ ହେବ।

୧୨. ଏଥିସହ Royalty or Dead rent, Surface Rent , Fees for Compensatory afforestation, fees for environment management fund(EMF) fees for District Mineral Foundation (DMF) ଏବଂ Income tax ବାବଦକୁ ନିର୍ଦ୍ଧାରିତ ଦେୟ ପଇଠ କରିବାକୁ ହେବ ଏବଂ ଉପରୋକ୍ତ ଦେୟ ଦାଖଲ କରିବା ପରେ ତିନି ସପ୍ତାହ ମଧ୍ୟରେ Indian Registration Act. 2nd stamp Act ଅନୁସାରେ ନିମ୍ନ ସାକ୍ଷର କାରୀଙ୍କ ସହିତ ନିଜ ଖର୍ଚ୍ଚରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ହେବ । ଏଥିରେ ଅବହେଳା ହେଲେ ଚୟନ କରାଯାଇଥିବା ବ୍ୟକ୍ତିଙ୍କୁ ଅଗ୍ରାହ୍ୟ କରାଯିବ ।ଏବଂ ଅମାନତ ରାଶି (Security deposit) କୁ ବ୍ୟାଜାପ୍ତ କରାଯିବ ଓ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ଅନୁରୁପ ସର୍ତ୍ତ ପାଳନ ସହ ନିଲାମ ନେବା ପାଇଁ ସୁଯୋଗ ପ୍ରଦାନ କରାଯିବ।

୧୩. ଯଦି ନିଲାମଧାରୀଙ୍କ ର ରୟାଲଟିର (Royalty)ର ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ, ତାହେଲେ ତାଙ୍କର ଉତ୍ତରାଧିକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ ଉକ୍ତ ଉତ୍ସଟିକୁ ଲିଜ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପଇଠ କରି ପରିଚାଳନା କରିପାରିବେ।

୧୪. ଯଦି ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀ ଠିକ୍ ସମୟରେ ସରକାରୀ ଦେୟ ପୈଠ ନ କରନ୍ତି ବା ନିଲାମ ସର୍ତ୍ତାବଳୀ ଖିଲାପ କରନ୍ତି ତାହାହେଲେ ଦ୍ୱିତୀୟ ସର୍ବୋଚ୍ଚ ଯୋଗ୍ୟ ପ୍ରାର୍ଥୀ ଙ୍କୁ ସୈରାତ୍ ଉତ୍ସ ପରିଚାଳନା ପାଇଁ ଆବଶ୍ୟକୀୟ ସରକାରୀ ଦେୟ ପୈଠ ପାଇଁ ଆହ୍ୱାନ କରାଯିବ ଏବଂ ସମସ୍ତ ସରକାରୀ ଦେୟ ପୈଠ ପରେ ଓ ନିମ୍ନ ସ୍ୱାକ୍ଷର କାରୀଙ୍କ ସହିତ ଚୁକ୍ତି ପରେ ସୈରାତ୍ ଉତ୍ସ ପରିଚାଳନା ପାଇଁ ସୁଯୋଗ ଦିଆଯିବ।

୧୫. ହିସାବ ଅନୁଯାୟୀ ରୟାଲଟି ଏବଂ(Additional Charge) ଅତିରିକ୍ତ ଦେୟ ୫% ଓ ଅନ୍ୟାନ୍ୟ ଦେୟ ନଗଦ କିମ୍ବା Demand Draft ଆକାରରେ ଦାଖଲ କରିବେ।

୧୬. ଲିଜଧାରୀ ସୈରାତ୍ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ କାନ୍ଥ (Concrete Pillar) ଦ୍ୱାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ସୂଚନାଫଳକ (display board) ତିଆରି କରି ସେଥିରେ ସୈରାତ୍ ଉତ୍ସର ନକ୍ସା ସହିତ ଉତ୍ସର ନାମ, ଜମିର ବିବରଣୀ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ,ଏବଂ ଫୋନ୍ ନମ୍ବର ଉଲ୍ଲେଖ କରିବେ।



2

୧୭. ଲିଜ୍‌ମଞ୍ଜୁର ହେବା ପରେ ସୈରାତ୍ ଚଳାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ କୁ ଗ୍ରହଣ କରାଯିବ ନାହିଁ କିମ୍ବା ଏଥି ପ୍ରତି କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୧୮. ଲିଜ୍ ଦିଆଯାଇଥିବା ଅବଧି ଭିତରେ କୌଣସୀ ପ୍ରାକୃତିକ ବିପର୍ଯ୍ୟୟ ହେଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୧୯. ଲଘୁ ଖଣିଜ ପଦାର୍ଥ ପାଇଁ Royalty, Surface rent, Dead Rent, DMF, IT & EMF ସରକାରଙ୍କ ଧାର୍ଯ୍ୟ ନିୟମ ଅନୁଯାଇ ଦେବାକୁ ହେବ।

୨୦. ଯଦି ଯୋଗ୍ୟ ନିଲାମଧାରୀ ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି, ତାହାହେଲେ EMD ଓ ଅମାନତ ରାଶି (Security Deposit) ବାବଦକୁ ଥିବା ଦେୟକୁ ବାଜ୍ୟାପ୍ତ କରାଯିବ ଏବଂ ଆବଶ୍ୟକ ସ୍ଥଳେ ବକେୟା ସରକାରୀ ଦେୟ OPDR କେସ୍ ମାଧମରେ ଆଦାୟ କରାଯିବ। ଲିଜ୍ ଚୁକ୍ତିନାମା ଦରଖାସ୍ତ ପରେ ଯଦି କୌଣସି ଲିଜ୍ ଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ -୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ (Amendment) ନିୟମ -୨୦୧୭ ର ଉଲ୍ଲଙ୍ଘନ କରନ୍ତି ତାହାହେଲେ ଲିଜ୍ ଧାରୀଙ୍କର ଲିଜ୍ କୁ ରାଜ୍ୟ ସରକାରଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଖାରଜ କରିପାରିବେ ।

କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନ କୁ ବାତିଲ କରିବା, ପରିବର୍ତ୍ତନ କରିବା, ତୃଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷର ଅଧିକାରୀଙ୍କର ରହିଅଛି। ଲଘୁ ଖଣିଜ ଉତ୍ସର ସମସ୍ତ ସବିଶେଷ ବିବରଣୀ ସାରଣୀ-1 ରେ ବର୍ଣ୍ଣିତ ଅଛି।

୨୧. ଦରଖାସ୍ତକାରୀ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସୈରାତ୍ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ୍ ନମ୍ବର ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

ଉପରୋକ୍ତ କାଗଜାତ୍ ସହ ଦରଖାସ୍ତକୁ ଜଉମୁଦ ଦିଆ ଲଫାପାରେ ରେଜେଷ୍ଟ୍ରି/ସ୍ପୀଡ଼ପୋଷ୍ଟ ଡାକ ଯୋଗେ ନିମ୍ନଲିଖିତ ଠିକଣାରେ **ତା ୧୨ .୧୨ .୨୦୨୨** ରିଖରୁ **୨୭.୧୨ .୨୦୨୨** ଅପରାହ୍ନ **୫.୩୦** ଘଟିକା ସୁଦ୍ଧା ଯେ କୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ସମୟ ସୀମା ମଧ୍ୟରେ ପହଞ୍ଚିବା ଆବଶ୍ୟକ ଏବଂ ତା **୨୮.୧୨.୨୦୨୨.** ରିଖପୂର୍ବାହ୍ନ **୧୧.୦୦** ଘଟିକା ସମୟରେ ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି/ଯାଞ୍ଚ କରାଯାଇ ଚୁଡାନ୍ତ ନିଷ୍ପତି କରାଯିବ । ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବାତିଲ୍ କରାଯିବ । ଉପରୋକ୍ତ ସମୟ ପରେ କୋଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

**<u>ଆବେଦନ ର ଠିକଣା :</u>**

**ତହସିଲଦାରଙ୍କ କାର୍ଯ୍ୟାଳୟ, ମାଛକୁଣ୍ଡ,ସ୍ଥାନ –ଲମତାପୁଟ.**

**ଗ୍ରାମ / ପୋଷ୍ଟ – ଲମତାପୁଟ, ଜିଲ୍ଲା – କୋରାପୁଟ (ଓଡ଼ିଶା) ପିନ – ୭୬୪୦୮୧**

ଆବେଦନ କରିଥିବା ଦରଖାସ୍ତକାରୀ ମାନଙ୍କ ମଧ୍ୟରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।

ଆବେଦନକାରୀ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା (Competent Authority) ଧାର୍ଯ୍ୟ ହୋଇଥିବା ରୟାଲଟି ମୂଲ୍ୟ ଏବଂ Steel & Mines Department, Govt. Of Odisha ର ଚିଠି ନଂ ୪୫୦୫ ତା. ୨୧.୦୫.୨୦୧୬ ଏବଂ

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ- ୨୦୧୬ ର ନିର୍ଦ୍ଦେଶ ପ୍ରକାରେ ଆବେଦନକାରୀ ଅତିରିକ୍ତ ଦେୟର ପରିମାଣ ରୟାଲଟି ମୂଲ୍ୟର ଶତକଡା ୫% ଠାରୁ କମ୍ ମୂଲ୍ୟ ଦର୍ଶାଇଲେ,ତାହା ଗ୍ରହଣୀୟହେବନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।

ଯୋଗ୍ୟବିବେଚିତ ଆବେଦନକାରୀଙ୍କୁ ମନୋନୟନର **୭ (ସାତ)** ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ **ଫର୍ମ "F"** ରେ ଜଣାଇ ଦିଆଯିବ । ସୂଚନା ପାଇବାର **୧୫** ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଓ ଅମାନତ ରାଶି ଦେୟ (Security Deposit) ବାବଦକୁ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି ଏବଂ ଜିଲ୍ଲା ଖଣିଜ ପାଣ୍ଠିକୁ (District Mineral Foundation) ଦେବାକୁ ଥିବା ଦେୟରୁ ଏକ ଚତୁର୍ଥାଂଶ Earnest Money କୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ଜମାକରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି ସୁଧ ରିହାତି ଅମାନତ ରାଶି (Security Deposit) ଭାବରେ ରଖାଯିବ । ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନ କରନ୍ତି , ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ଇଚ୍ଛୁକ ବ୍ୟକ୍ତିମାନେ **ତା ୨୯.୧୨ .୨୦୨୨.** ରୁ **ତା ୦୪.୦୧ .୨୦୨୩** ରିଖ ମଧ ରେ ଯେ କୌଣସି କାର୍ଯ୍ୟଦିବସରେ ଅପରାହ୍ନ **୫.୩୦** ଘଟିକା ସୁଦ୍ଧା ଆବେଦନ କରିପାରିବେ ଏବଂ ଆବେଦନ କରାଯାଇଥିବା ଦରଖାସ୍ତ କୁ **ତା.୦୫.୦୧.୨୦୨୩.** ରିଖ ପୂର୍ବାହ୍ନ **୧୧.୦୦** ଘଟିକା ସମୟରେ ହସ୍ତଗତ ହୋଇଥିବା ସମସ୍ତ ଡାକ ଖୋଲାଯାଇ ଦରଖାସ୍ତ ଗୁଡିକୁ ତନଖି/ଯାଞ୍ଚ କରାଯାଇ ମନୋନୀତ କରାଯିବ। ସେହିପରି ଯଦି ଦ୍ୱିତୀୟ ଥର ମଧ କୌଣସି ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସି ନ ଥାଏ କିମ୍ବା ସମସ୍ତ ଦରଖାସ୍ତ ଗୁଡିକ ଅଯୋଗ୍ୟ ବିବେଚିତ ହୁଏ ତେବେ ତୃତୀୟ ଥର ତଥା ଶେଷ ଥର ପାଇଁ **ତା.୦୬.୦୧.୨୦୨୩**.ରୁ **ତା ୧୨.୦୧ .୨୦୨୩** ରିଖ ମଧରେ ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ଅପରାହ୍ନ **୨.୦୦** ଘଟିକା ସୁଦ୍ଧା ଦରଖାସ୍ତ ଦାଖଲ କରିପାରିବେ ଏବଂ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତି ରେ ସେହିଦିନ ଅର୍ଥାତ **ତା. ୧୨.୦୧.୨୦୨୩** ରିଖ ଅପରାହ୍ନ **୩.୩୦** ଘଟିକା ସମୟରେ ହସ୍ତଗତ ହୋଇଥିବା ସମସ୍ତ ଡାକ ଖୋଲାଯାଇ ଦରଖାସ୍ତ ଗୁଡିକୁ ତନଖି/ଯାଞ୍ଚ କରାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି କୌଣସି ସୈରାତ୍ ଉତ୍ସ ପାଇଁ ପ୍ରଥମ ଏବଂ ଦିତୀୟ ଥର ରେ ଏକକ(୧ ) ଦରଖାସ୍ତ ପ୍ରାପ୍ତ ହୋଇଥାଏ , ତେବେ , ଏହି ଦରଖାସ୍ତଟିକୁ ଖୋଲାନଯାଇ ପରବର୍ତ୍ତୀ ଧାର୍ଯ୍ୟ ତାରିଖ କିମ୍ବା ଶେଷ ତାରିଖ ପର୍ଯ୍ୟନ୍ତ ଏକ ରୁ ଅଧିକ ଦରଖାସ୍ତ ଗ୍ରହଣ ପାଇଁ ଅପେକ୍ଷା କରାଯିବ । ଯଦି ନିର୍ଦ୍ଧାରିତ ଶେଷ ତାରିଖ ସୁଦ୍ଧା ଏକକ ଦରଖାସ୍ତ ବ୍ୟତୀତ, ସେହି ଉତ୍ସ ପାଇଁ ଆଉ କୌଣସି ଦରଖାସ୍ତ ଗ୍ରହଣ କରା ନ ଯାଇଥାଏ, ତେବେ ଏହି ଏକକ ଦରଖାସ୍ତଟିକୁ ଶେଷ ତାରିଖରେ ଖୋଲାଯିବ।

ମନୋନୀତ ଆବେଦନକାରୀ ଖଣିଜ ଉତ୍ତୋଳନ ଯୋଜନା (Mining Plan) ତଥା ପ୍ରଦୂଷଣ ନିକାଶୀ ପ୍ରମାଣପତ୍ର (E. C.) ର ଖର୍ଚ୍ଚ ନିଜେ ବହନ କରିବେ ଏବଂ ଫର୍ମ –N ରେ ନିଜସ୍ୱ ଖର୍ଚ୍ଚରେ ଚୁକ୍ତିପତ୍ର ସମ୍ପାଦନ କରିବା ବାଧ୍ୟତାମୂଳକ ଅଟେ । ଅନ୍ୟଥା ଆଇନ ଅନୁଯାୟୀ ଲିଜ୍ ନାକଚ ହେବ ଏବଂ ଅମାନତ ରାଶି ସରକାରୀ ତହବିଲରେ ଜମା ହେବ ।

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ମନୋନୀତ ଆବେଦନକାରୀଙ୍କୁ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ (State Pollution Control Board) ର Consent to Operate ଓ Consent to Establishment Order ଏହି କାର୍ଯ୍ୟାଳୟ ରେ ଦାଖଲ କରିବାକୁ ହେବ ।

ବିନା Consent to Operate ଓ Consent to Establishment Order ରେ ଲିଜ୍ ଧାରୀ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ । ମୁରୁମ ପାଇଁ ସର୍ବନିମ୍ନ ରୟାଲଟି ମୂଲ୍ୟ ଘନମିଟର ପ୍ରତି (C M) ଯଥାକ୍ରମେ –ଟ. ୩୫/- ଓ ପଥରର ପ୍ରତି ଘନ ମିଟର(C M) ପିଛା ୧୩୫/- ଟଙ୍କା ଅଟେ । ଲିଜ୍ ଧାରୀ ସୈରାତ୍ ଉତ୍ସର ଖଣିଜ ଉତ୍ତୋଳନ ଯୋଜନା (Mining Plan) ର ନକ୍ସା ଅନୁଯାୟୀ ଏହାର ସୀମା ସରହଦ (ଚାରି ପାର୍ଶ୍ୱ ) ଚିହ୍ନଟ କରିବେ,



(୨)

ଏବଂ ସମ୍ମୁଖ ଭାଗରେ ସୂଚନା ଫଳକ (Display Board) ଲଗାଇବେ ସେଥିରେ ସୈରାତ୍ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ ରହିବ ।

ଲିଜଧାରୀ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ (ରିହାତି ) ନିୟମ – 2016 ର ଓ ତତ –ପରବର୍ତ୍ତୀ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ ।

ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି । କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ୍ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ସଂଲଗ୍ନକ –Annexure–I

ତହସିଲଦାର, ମାଛକୁଣ୍ଡ